# NATIONAL NEWS BULLETIN (ODIA)

## 19th February - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬କୁ ଆଜି ନୂଆଦିଲ୍ଲୀରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ପୁଷାଠାରେ ଅନୁଷ୍ଠିତ ହେବ ପରିବେଶ ସଚେତନତା କାର୍ଯ୍ୟକ୍ରମ ସବୁଜ ଯାତ୍ରାର ୫ ବର୍ଷ ପୂର୍ତ୍ତି ସମାରୋହ ।

- ପବିତ୍ର ରମ୍‌ଜାନ ମାସ ଆରମ୍ଭ ହେଲା ଆଜିଠାରୁ; ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ଗଣତନ୍ତ୍ରର ପୁନରୁଦ୍ଧାର ସହିତ ସମସ୍ତ ନାଗରିକଙ୍କ ଲାଗି ସମାନ ଅଧିକାର ସୁନିଶ୍ଚିତ କରିବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ନେଦରଲ୍ୟାଣ୍ଡସ୍‌କୁ ୧୭ ରନ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. - ଏଆଇ. ଇମ୍ପ୍ୟାକ୍ଟ ସମ୍ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଏହି ସମ୍ମିଳନୀର ଚଳିତବର୍ଷ ବିଷୟବସ୍ତୁ ରହିଛି "ସର୍ବଜନ ହିତାୟ, ସର୍ବଜନ ସୁଖାୟ" । ଏହି ଉଦ୍‌ଘାଟନୀ ସମାରୋହରେ ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍, ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସମେତ ଅନ୍ୟ ବିଶ୍ୱସ୍ତରୀୟ ନେତୃବୃନ୍ଦ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହାପରେ ଏହି ନେତୃବୃନ୍ଦ ସେଠାରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମଧ୍ୟ ବୁଲି ଦେଖିବେ ।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଜାତୀୟ ତଥା ବିଶ୍ୱସ୍ତରୀୟ ପ୍ରାଥମିକତା ଦେଇ ଅନ୍ତର୍ଜାତୀୟ ସହଯୋଗ ଏବଂ ଭିତ୍ତିଭୂମିକୁ ସଶକ୍ତ କରିବା ଦିଗରେ ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ମନ୍ତ୍ରୀ ତଥା ବିଭିନ୍ନ ଅନୁଷ୍ଠାନର ବରିଷ୍ଠ ପ୍ରତିନିଧିମାନେ ଏହି ସମ୍ମିଳନୀରେ ମିଳିତ ଭାବେ ନୀତିଗତ ନିଷ୍ପତ୍ତି ନେବେ । କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ନିର୍ବାହ କରିବାର ଲକ୍ଷ୍ୟ ସହିତ

କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ସମାବେଶୀ ଅଭିବୃଦ୍ଧି ହାସଲ କରିବା ଦିଗରେ ନେତୃତ୍ୱ ନେବାର କ୍ଷମତା ଏହି ସମ୍ମିଳନୀ ମାଧ୍ୟମରେ ବିଶ୍ୱ ସ୍ତରରେ ପ୍ରତିଫଳିତ ହେଉଛି । ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଶ୍ୱର ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଏକ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେବେ । କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଗବେଷଣା ଲାଗି ସହଯୋଗ, ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଏବଂ ପୁଞ୍ଜିନିବେଶ ଉପରେ ମୁଖ୍ୟତଃ ଏହି ବୈଠକରେ ଆଲୋଚନା କରାଯିବ ।

ଆଜିର ଉଦ୍‌ଘାଟନୀ ସମାରୋହର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତ ମଣ୍ଡପମ୍‌ଠାରେ ଏଥିରେ ଯୋଗ ଦେବାକୁ ଆସିଥିବା ବିଭିନ୍ନ ରାଷ୍ଟ୍ରର ମୁଖ୍ୟଙ୍କୁ ସ୍ୱାଗତ କରିଛନ୍ତି । ଏହି ସମୟରେ ସେଠାରେ ଭାରତୀୟ ସଙ୍ଗୀତ ଓ ନୃତ୍ୟର ସମାରୋହ ପରିବେଶକୁ ଅଧିକ ଆକର୍ଷିତ କରିଥିଲା । ପରେ ଶ୍ରୀ ମୋଦି ଏହି ବିଶ୍ୱସ୍ତରୀୟ ନେତୃବୃନ୍ଦଙ୍କ ସମ୍ମାନାର୍ଥେ ଏକ ନୈଶ୍ୟଭୋଜିର ଆୟୋଜନ କରିଥିଲେ । ପୂର୍ବରୁ ଗତକାଲି ଶ୍ରୀ ମୋଦି ଏହି ସମ୍ମିଳନୀ ଅବସରରେ ଅନେକ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହି ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରମୁଖ୍ୟ, ପ୍ରାୟ ୬୦ଟି ବିଭିନ୍ନ ଦେଶର ମନ୍ତ୍ରୀ ଏବଂ ଶହେରୁ ଊର୍ଦ୍ଧ୍ୱ ସରକାରୀ ପ୍ରତିନିଧିମାନେ ଅଂଶଗ୍ରହଣ କରୁଛନ୍ତି । ଏତଦ୍‌ବ୍ୟତୀତ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ କାର୍ଯ୍ୟରତ ୫ ଶହରୁ ଅଧିକ ଅଗ୍ରଣୀ ସଂସ୍ଥାର ପ୍ରତିନିଧି, ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀର ପ୍ରାୟ ୧୦ ଜଣ ମୁଖ୍ୟ

କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପ୍ରତିଷ୍ଠାତାଙ୍କ ସମେତ ୧୫୦ ଜଣ ବୁଦ୍ଧିଜୀବୀ, ଗବେଷକ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି ।

## ଶିବରାଜ - ଟ୍ରି ପ୍ଲାଣ୍ଟେସନ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପୁଷାଠରେ ଏକ ଅନନ୍ୟ ଚାରାରୋପଣ କାର୍ଯ୍ୟକ୍ରମର ୫ ବର୍ଷ ପୂର୍ତ୍ତି ସମାରୋହର ନେତୃତ୍ୱ ନେବେ । ୨୦୨୧ ଫେବୃୟାରୀ ୧୯ ତାରିଖ ଦିନ ଏହି ସବୁଜ ଯାତ୍ରା ଆରମ୍ଭ ହୋଇଥିଲା । ନର୍ମଦା ଜୟନ୍ତୀ ଅବସରରେ ଶ୍ରୀ ଚୌହାନ ଅମରକଣ୍ଟକଠାରେ ଏକ ରୁଦ୍ରାକ୍ଷ ଓ ଶାଳ ଚାରା ରୋପଣ କରିଥିଲେ । ଏହି ଅଭିଯାନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ସହିତ ଏ କ୍ଷେତ୍ରରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବା ଦିଗରେ ସୁଯୋଗ ଆଣିଦେଇଛି ।

## ଇ.ସି.ଆଇ. - ଆସାମ ଭିଜିଟ୍

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି, ଆସାମ ବିଧାନସଭା ନିର୍ବାଚନ ଲାଗି ଖୁବ୍‌ଶୀଘ୍ର ତାରିଖ ଘୋଷଣା  କରାଯିବ । ଏପ୍ରିଲ୍ ମାସରେ ପାଳିତ ହେବାକୁ ଥିବା ରାଜ୍ୟର ଅନ୍ୟତମ ମୁଖ୍ୟପର୍ବ 'ବିହୁ'କୁ ଦୃଷ୍ଟିରେ ରଖି

ଏହି ତାରିଖ ଘୋଷଣା କରାଯିବ ବୋଲି ଗତକାଲି ଗୁଆହାଟୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି । ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନ ଲାଗି ରାଜ୍ୟରେ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିବା ପରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏହି ମତବ୍ୟକ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ରାଜ୍ୟରେ ବିଧାନସଭା ନିର୍ବାଚନକୁ ଗୋଟିଏ ପର୍ଯ୍ୟାୟରେ କିମ୍ବା ଅତିବେଶିରେ ଦୁଇଟି ପର୍ଯ୍ୟାୟରେ ଶେଷ କରିବା ଲାଗି ଅଧିକାଂଶ ରାଜନୈତିକ ଦଳ ପକ୍ଷରୁ ତାଙ୍କୁ ଅନୁରୋଧ କରାଯାଇଛି । ଏହି ପ୍ରସ୍ତୁତି ସମୀକ୍ଷା କରିବା ଲାଗି ନିର୍ବାଚନ ଆୟୋଗ ତିନିଦିନିଆ ଆସାମ ଗସ୍ତ କରିଥିଲେ ।

## ଜୟଶଙ୍କର - ଜାପାନ

ତୋସିମିସୁ ମୋଟେଗି ଜାପାନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ପୁନଃ ନିଯୁକ୍ତ ହୋଇଥିବାରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ସ୍ୱତନ୍ତ୍ର ରଣନୈତିକ ତଥା ବିଶ୍ୱସ୍ତରୀୟ ଭାଗିଦାରୀ ଲାଗି ଭାରତ-ଜାପାନ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ଆଗ୍ରହୀ ଅଛନ୍ତି ।

# ରମ୍‌ଜାନ୍ - ମୁନ୍

ପବିତ୍ର ରମ୍‌ଜାନ ମାସ ଆଜିଠାରୁ ଆରମ୍ଭ ହେଉଛି । ଗତକାଲି ଦେଶର କେତେକ ସ୍ଥାନରେ ଚନ୍ଦ୍ର ଦୃଶ୍ୟମାନ ହେବା ପରେ ମୁସଲମାନ ସମ୍ପ୍ରଦାୟକଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଆଜି ହେଉଛି ଏହି ପବିତ୍ର ରମ୍‌ଜାନ ମାସର ପ୍ରଥମ ଦିନ । ଇସ୍‌ଲାମିକ୍ କ୍ୟାଲେଣ୍ଡରର ନବମ ମାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଉପବାସର ମାସର ସମାପ୍ତି ସହିତ ଇଦ୍‌-ଉଲ୍‌-ଫିତର୍ ପାଳିତ ହୋଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପବିତ୍ର ରମ୍‌ଜାନ ମାସ ଆରମ୍ଭ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି’ ରମ୍‌ଜାନ ମୁବାରକ ବୋଲି ଉଲ୍ଲେଖ କରି ଏହି ପବିତ୍ର ମାସ’ ସମାଜରେ ଭ୍ରାତୃତ୍ୱର ଭାବନାକୁ ଅଧିକ ସଶକ୍ତ କରିବା ସହିତ ଦେଶରେ ଶାନ୍ତି ଓ ସମୃଦ୍ଧିକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ

ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣ ହେବ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ ହେବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ । ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣି ଥରେ ରାତି ୮ଟାରେ ପ୍ରସାରଣ କରାଯିବ ।

## ବାଂଲାଦେଶ - ପି.ଏମ୍.

ବାଂଲାଦେଶରେ ଗଣତନ୍ତ୍ରର ପୁନରୁଦ୍ଧାର ସହିତ ଆଇନର ଶାସନ ବଜାୟ ରଖିବା ଏବଂ ସମସ୍ତ ନାଗରିକଙ୍କ ଲାଗି ସମାନ ଅଧିକାର ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ତାରିକ ରହମନ ପ୍ରତିଶ୍ରୁତି ଦେଇଛନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ଗତ ରାତିରେ ଜାତି ଉଦ୍ଦେଶ୍ୟରେ ଦେଇଥିବା ତାଙ୍କର ପ୍ରଥମ ଟେଲିଭିଜନ ଅଭିଭାଷଣରେ ଶ୍ରୀ ରହମନ ଏହା କହିଛନ୍ତି । ସେ କହିଛନ୍ତି, ଦଳୀୟ ପ୍ରଭାବ ନୁହେଁ; ବରଂ ଦେଶର

ଆଇନଦ୍ୱାରା ତାଙ୍କର ଶାସନ ବ୍ୟବସ୍ଥା ପରିଚାଳିତ ହେବ । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି - ବି.ଏନ୍.ପି. ସରକାର ଏକ ଆତ୍ମନିର୍ଭରଶୀଳ, ସୁରକ୍ଷିତ ତଥା ଗଣତାନ୍ତ୍ରିକ ବାଂଲାଦେଶ ଗଠନ କରିବାକୁ ଲକ୍ଷ୍ୟ ରଖିଛି । ଦେଶରେ ଆଇନଶୃଙ୍ଖଳାରେ ଉନ୍ନତି ଆଣିବା ଏବଂ ଦୁର୍ନୀତି ରୋକିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ତାଙ୍କ ସରକାର କାର୍ଯ୍ୟ କରିବ ବୋଲି ଶ୍ରୀ ରହମନ କହିଛନ୍ତି । ଦେଶର ବିଶାଳ ଜନସଂଖ୍ୟାକୁ  ଏକ ଦକ୍ଷ କର୍ମଶକ୍ତିରେ ପରିଣତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ' ଯୁବପିଢ଼ିଙ୍କ ବିକାଶ, ପ୍ରଯୁକ୍ତିବିଦ୍ୟା ଓ ଏକ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ତାଙ୍କ ସରକାର ଗତ ୧୨ ତାରିଖରେ ଅନୁଷ୍ଠିତ ଜାତୀୟ ନିର୍ବାଚନରେ ବିଜୟ ପରେ ଏହାର ପ୍ରତିଶ୍ରୁତି ପାଳନ କରିବା ଆରମ୍ଭ କରିଛି ଏବଂ ଏଦିଗରେ ସେ ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ଶ୍ରୀ ରହମନ କହିଛନ୍ତି ।

## ଆଇ.ସି.ସି. ମେନ୍ସ ଟି-୨୦

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ଗ୍ରୀପ୍-ଏ'ର ଏକ ମ୍ୟାଚ୍‌ରେ ଗତବର୍ଷର ଚାମ୍ପିୟାନ୍ ଭାରତ ନେଦରଲ୍ୟାଣ୍ଡ୍‌ସକୁ ୧୭ ରନ୍‌ରେ ପରାସ୍ତ କରିଛି । ଅହମ୍ମଦାବାଦର ନରେନ୍ଦ୍ର

ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୩ ରନ୍ କରିଥିଲା । ଦଳ ପକ୍ଷରୁ ଶିବମ୍ ଦୁବେ ୩୧ଟି ବଲ୍‌ରୁ ୬୬ ରନ୍ ସଂଗ୍ରହ କରିଥିଲେ ।

୧୯୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେଦରଲ୍ୟାଣ୍ଡସ୍ ୨୦ ଓଭରରେ ୭ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଶିବମ୍ ଦୁବେ ୨ଟି ୱିକେଟ୍ ଅକ୍ତିଆର କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆସନ୍ତା ରବିବାର ଦିନ ସୁପର୍ ଏଇଟ୍ ପର୍ଯ୍ୟାୟରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଅହମ୍ମଦାବାଦଠାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ।

ଗତକାଲି ଗ୍ରୁପ୍-ଏ'ରେ କଲେମ୍ବୋଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପାକିସ୍ତାନ ନାମିବ୍ୟାକୁ ୧୦୨ ରନ୍‌ରେ ପରାସ୍ତ କରି ସୁପର୍ ଏଇଟ୍ ତାଲିକାର ଶେଷ ସ୍ଥାନରେ ରହିଛି ।

ସେହିଭଳି ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି ।

ଆଜି ଏହି ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ଗୁଡ଼ିକରେ ପୂର୍ବାହ୍ନ ୧୧ଟାରେ କୋଲ୍‌କାତାର ଇଡେନ୍ ଗାର୍ଡ଼ନ୍‌ଠରେ ୱେଷ୍ଟ ଇଣ୍ଡିଜ୍ ଓ ଇଟାଲୀ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ କଲମ୍ବୋରେ ଅପରାହ୍ନ

୩ଟାରେ ଶ୍ରୀଲଙ୍କା’ ଜିମ୍ବାୱେକୁ ଭେଟିବ । ପରେ ଚେନ୍ନାଇର ଏ.ଏମ୍. ଚିଦାମ୍ବରମ୍ ଷ୍ଟାଡୟିମ୍‌ଠାରେ ଆଫଗାନିସ୍ତାନ ଓ କାନାଡ଼ା ମଧ୍ୟରେ ସନ୍ଧ୍ୟା ୭ଟାରେ ମୁକାବିଲା ହେବ ।

## ୱିମେନ୍‌ସ ଟି-୨୦

ମହିଳା କ୍ରିକେଟ୍‌ରେ ଭାରତ ଆଜି ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୪୫ ମିନିଟ୍ ସମୟରେ ଅଷ୍ଟ୍ରେଲିଆର କାନ୍‌ବେରାରେ ଆରମ୍ଭ ହେବ । ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଗତ ରବିବାର ସିଡ୍‌ନୀଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ’ ଡି.ଏଲ୍.ଏସ୍. ପଦ୍ଧତିରେ ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ହରାଇ ୧-୦ରେ ଅଗ୍ରଣୀ ରହିଛି ।

*****